# Chapter- 20

# ଆମେ ଧରଣୀ ବୁକୁର ଶିଶୁ

**STUDY NOTES**

## MIND MAP



'ଆମେ ଧରଣୀ ବୁକୁର ଶିଶୁ' ଏକାଙ୍କିକାର ର ନାଟ୍ୟକାର ହେଉଛନ୍ତି ଭାସ୍କର ଚନ୍ଦ୍ର ମହାପାତ୍ର । ଉକ୍ତ ଏକାଙ୍କିକାଟିରେ ନାଟ୍ୟକାର ସାଂପ୍ରତିକ ମଣିଷମାନଙ୍କର ଚିନ୍ତାଧାରାକୁ ଏକ ଅଦ୍ଭୁତ ପିଲା ଚରିତ୍ର ମାଧ୍ୟମରେ ପ୍ରକାଶ କରିଛନ୍ତି ।ବର୍ତ୍ତମାନର ମଣିଷ କ୍ରମଶଃ ଯନ୍ତ୍ର ରେ ପରିଣତ ହୋଇଯାଉଥିବାରୁ ସେଥିରେ ମଣିଷପଣିଆର ବିକାଶ ପାଇଁ ବାର୍ତ୍ତା ପ୍ରଦାନ କରାଯାଇଛି ।

ମଣିଷ କେବଳ କାମ କରିବା ପାଇଁ ଜନ୍ମ ହୋଇନାହିଁ । ଅଳ୍ପ ପରିଶ୍ରମରେ ଯନ୍ତ୍ର ଭଳି ଅନେକ କାମ କରି ପ୍ରତିଷ୍ଠା ଲାଭ କରିବାକୁ ସୃଷ୍ଟି ହୋଇନାହିଁ । ମଣିଷ ଯଦି ଏ ଭଳି ଚିନ୍ତା ରଖେ ତା' ହଲେ ତା ଜୀବନର କୌଣସି ପ୍ରକାର ମାନବୀୟ ଗୁଣ ପ୍ରକାଶ ପାଇ ପାରିବ ନାହିଁ ।

ମଣିଷ ପିତାମାତାଙ୍କ ଠାରୁ ଜନ୍ମ ନିଏ । ପିତାମାତାଙ୍କ ଆଦର ସ୍ନେହରେ ଲାଳିତ ପାଳିତ ହୁଏ । ପିତାମାତାଙ୍କୁ ସେ ଭଲ ପାଏ ଓ ଭକ୍ତି କରେ ।ସେ ଦୁଃଖରେ କାନ୍ଦେ ଓ ସୁଖରେ ହସେ। ଅନ୍ୟ ପ୍ରତି ସହାନୁଭୂତିଶୀଳ ହୁଏ ।ସେ ଜୀବନରେ ବଡ ହେବାକୁ ଚାହେଁ ।ସେ ଅନେକ ସ୍ଵପ୍ନ ଦେଖେ ।ସେହି ସ୍ଵପ୍ନଙ୍କୁ ସାକାର କରିବା ପାଇଁ ସେ ଅନେକ ପରିଶ୍ରମ କରେ। ନିଜର ଉନ୍ନତି ସହିତ ପରିବାର ର ଓ ଦେଶର ଉନ୍ନତି ପାଇଁ ମାଟି ମା ର ମର୍ଯ୍ୟାଦା ରକ୍ଷା ପାଇଁ ସଂଗ୍ରାମ କରେ । ସେ ବିଚାରଧାରାକୁ ନେଇ ସାହିତ୍ୟ ସୃଷ୍ଟି କରେ । କେବଳ ବିଜ୍ଞାନୀ ହେବାକୁ ଚାହେଁ ନାହିଁ ।କାରଣ ଜୀବନରେ ସାହିତ୍ୟର ଭୂମିକା ରହିଛି ଏବଂ ବିଜ୍ଞାନର ଭୂମିକା ମଧ୍ୟ ରହିଛି ।ନାଟ୍ୟକାର ଏଭଳି ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ପାଇଁ ଅଦ୍ଭୁତ ପିଲା ଓ ରୂପା ଭଳି ଚରିତ୍ର ସୃଷ୍ଟି କରି ନିଜର ବିଚାର ବୋଧକୁ ପ୍ରକାଶ କରିଛନ୍ତି ।

EDUCATIONAL GROUP
Changing your Tomorrow